# NATIONAL NEWS BULLETIN (ODIA)
## 24 March - 2024
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଭୁଟାନ୍ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।
- ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି ।
- ରୁଷର କ୍ରୋକସ୍ ସିଟି ହଲ୍ ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ସଂଖ୍ୟା ୧୩୩କୁ ବୃଦ୍ଧି ପାଇଛି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୪ ରନ୍‌ରେ ପରାସ୍ତ କରିଛି ।

# ଇଣ୍ଡିଆ-ଭୁଟାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଭୁଟାନ୍ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଭୁଟାନ୍ ରାଜା ଜିଗ୍‌ମେ ଖେଶର୍ ନାମ୍‌ଗେଲ୍ ୱାଙ୍ଗ୍‌ଚୁକ୍ ଓ ଭୁଟାନ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ବିମାନ ବନ୍ଦର ଠାରେ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭୁଟାନ୍ ରାଜାଙ୍କର ଏହି କାର୍ଯ୍ୟରେ ସେ ସମ୍ମାନିତ ହୋଇଛନ୍ତି । ତାଙ୍କର ଭୁଟାନ୍ ଗସ୍ତର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ସେ ଭୁଟାନ୍ ରାଜା ଓ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଛନ୍ତି ।  ଭୁଟାନ୍ ନେତାମାନଙ୍କ ସହ ତାଙ୍କର କଥାବାର୍ତ୍ତା ଭାରତ-ଭୁଟାନ୍ ବନ୍ଧୁତାରେ ବିକାଶ ଆଣିବ । ତାଙ୍କୁ ଅର୍ଡର୍ ଅଫ୍ ଦ ଡ୍ରକ୍ ଗ୍ୟାଲ୍‌ପୋରେ ସମ୍ମାନିତ କରାଯାଇଥିବାରୁ ଶ୍ରୀ ମୋଦୀ କୃତଜ୍ଞତା ଜଣାଇଛନ୍ତି । ଭୁଟାନ୍ ଜନସାଧାରଣଙ୍କ ସ୍ନେହ ଓ ସଦିଚ୍ଛା ପାଇଁ ଧନ୍ୟବାଦ ଜଣାଇ ସେ କହିଛନ୍ତି, ଭାରତ ସର୍ବଦା ଭୁଟାନ୍‌ର ଏକ ବିଶ୍ୱସ୍ତ ବନ୍ଧୁ ଓ ଭାଗିଦାର ରହିବ ।

ଶ୍ରୀ ମୋଦୀ ଓ ଭୁଟାନ୍ ପ୍ରଧାନମନ୍ତ୍ରୀ ଗତକାଲି ଥିମ୍ପୁ ଠାରେ ଏକ ହସ୍ପିଟାଲ୍‌କୁ ଉଦ୍‌ଘାଟନ କରିଥିଲେ । ସେହି ହସ୍ପିଟାଲ୍ ଭାରତ ସହାୟତାରେ ନିର୍ମିତ ହୋଇଛି ।

# ରୁଷ୍

ରୁଷର କ୍ରୋକସ୍ ସିଟି ହଲ୍ ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ସଂଖ୍ୟା ୧୩୩କୁ ବୃଦ୍ଧି ପାଇଛି । ରୁଷୀୟ ଅନୁସନ୍ଧାନ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଉଦ୍ଧାର କରି ସରକାରୀ ଗଣମାଧ୍ୟମ ଟାସ୍ କହିଛି  ତଦନ୍ତ ଜାରି ରହିଛି ଏବଂ କନସର୍ଟ ହଲ୍ ରୁ ଭଗ୍ନାବଶେଷ ହଟାଇ ଦିଆଯାଉଛି । ରୁଷସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିବା ଅନୁଯାୟୀ, ଏହି ଘଟଣାରେ ୧୪୭ ଜଣ ଆହତ ହୋଇଛନ୍ତି । ରୁଷ୍ କହିଛି ଯେ ୪ ଜଣ ବନ୍ଧୁକଧାରୀଙ୍କ ସହ ୧୧ ଜଣଙ୍କୁ ଗିରଫ କରାଯାଇଛି ।

କ୍ରୋକସ୍ ସିଟି ହଲ୍ ଉପରେ ହୋଇଥିବା ଆକ୍ରମଣକୁ ଇସ୍ଲାମିକ୍ ଷ୍ଟେଟ୍ ସହଯୋଗୀ ଇସ୍ଲାମିକ୍ ଷ୍ଟେଟ୍ -ଖୋରାସାନ୍ ପ୍ରୋଭିନ୍ସ (ଆଇଏସ୍ଆଇଏସ୍-କେ) ନିଜକୁ ଦାୟୀ କରିଛି । କିନ୍ତୁ ରୁଷୀୟ ସୁରକ୍ଷା ସେବା ଦାବି କରିଛି ଯେ ଆକ୍ରମଣକାରୀମାନେ ୟୁକ୍ରେନ୍ ସହ ଲିଙ୍କ୍ ରଖିଥିଲେ ଏବଂ ସେମାନେ ପଡ଼ୋଶୀ ଦେଶ ଅଭିମୁଖେ ଯାଉଥିଲେ । ୟୁକ୍ରେନ୍ ଏହି ଅଭିଯୋଗକୁ ଖଣ୍ଡନ କରିଛି । ୟୁକ୍ରେନ୍ କହିଛି ଏଭଳି ଅଭିଯୋଗ ଭିତ୍ତିହୀନ । ଅନ୍ୟପକ୍ଷରେ ଆମେରିକା କହିଛି  ଆଇଏସ୍ଆଇଏସ୍-କେର ଦାବି ବିଶ୍ୱାସଯୋଗ୍ୟ ଏବଂ ଏହି ଆକ୍ରମଣ ପାଇଁ ୟୁକ୍ରେନ୍ ଦାୟୀ ନୁହେଁ ।

# ବିଜେପି ସିଇସି ମିଟିଂ

ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ବିଭିନ୍ନ ରାଜ୍ୟର ଦଳୀୟ ପ୍ରତିନିଧି ଯୋଗ ଦେଇଥିଲେ । ଆଗାମୀ ନିର୍ବାଚନ ନେଇ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

# କଂଗ୍ରେସ ଲିଷ୍ଟ

ବାରଣାସୀ ଲୋକସଭା ଆସନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିପକ୍ଷରେ କଂଗ୍ରେସ ଉତ୍ତରପ୍ରଦେଶ ରାଜ୍ୟଶାଖା ମୁଖ୍ୟ ଅଜୟ ରାଇଙ୍କୁ ପ୍ରାର୍ଥୀ ଭାବେ ଛିଡ଼ା କରାଇଛି । ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ମଧ୍ୟପ୍ରଦେଶର ରାଜଗଡ଼ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରିବେ । ଗତକାଲି ଲୋକସଭା ନିର୍ବାଚନ ନେଇ କଂଗ୍ରେସ ପକ୍ଷରୁ ୪୫ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଦାନିସ୍ ଅଲ୍ଲୀ ଉତ୍ତରପ୍ରଦେଶର ଅମ୍ରୋହା ଆସନରୁ ପ୍ରତିଦ୍ୱନ୍ଦିତା କରିବାକୁ ଥିବାବେଳେ କାର୍ତ୍ତି ଚିଦାମ୍ବରମ୍ ଶିବଗଙ୍ଗା ଆସନରୁ, ମଣିକମ୍ ଟାଗୋର ତାମିଲନାଡୁର ବିରୁଧନଗର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରିବେ । ରାଜସ୍ଥାନର ନାଗପୁର

ଲୋକସଭା ଆସନ ପାଇଁ କଂଗ୍ରେସ ହନୁମାନ ବେନିୱାଲ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟିର ପ୍ରାର୍ଥୀଙ୍କୁ ସମର୍ଥନ ଘୋଷଣା କରିଛି । ଏଥିସହ ସିକ୍କିମ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ୧୮ ଜଣିଆ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ।

## ଜେକେ ଟେରର

ଜମ୍ମୁ-କଶ୍ମୀରରେ ସୁରକ୍ଷା ବାହିନୀ  ଶ୍ରୀନଗରରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ ସହ ଜଡ଼ିତ ଏକ ପ୍ରମୁଖ ଆତଙ୍କବାଦୀ ଗୋଷ୍ଠୀର ପର୍ଦ୍ଦାଫାସ କରିଛି । ଏଥିସହ ସଂପୃକ୍ତ ୪ ଜଣ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରିଛି।

ସୂଚନା ଆଧାରରେ ଶ୍ରୀନଗର ପୋଲିସ, ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ସିଆରପିଏଫ୍‌ର ମିଳିତ ସହଯୋଗରେ  ନୌଗାମ ଥାନା ଅଧୀନ କେନିହାମା ଅଞ୍ଚଳରେ ଏକ ଭ୍ରାମ୍ୟମାଣ ଯାନ ଯାଞ୍ଚ ପୋଷ୍ଟ  ପ୍ରତିଷ୍ଠା କରାଯାଇଥିଲା । ଯାଞ୍ଚ ବେଳେ ଗୋଟିଏ ଗାଡ଼ିକୁ ଏହି ଦଳ ଅଟକାଇବା ସହ  ୪ ଜଣ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରାଯାଇଛି।

ସେମାନଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ପ୍ରାଥମିକ ତଦନ୍ତ ବେଳେ ଧରାପଡ଼ିଥିବା ବ୍ୟକ୍ତିମାନେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ସହ ସଂପୃକ୍ତ ଥିବା ଜଣାପଡ଼ିଛି। ଏ ନେଇ ଅଧିକ

ତଦନ୍ତ ଚାଲୁ ରହିଛି ବୋଲି ଜାମ୍ମୁ କାଶ୍ମୀର ସୁରକ୍ଷା ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି ।

## ମହା– ନିର୍ବାଚନ

ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍ ଚୋକଲିଙ୍ଗମ୍ କହିଛନ୍ତି ଯେ ରାଜ୍ୟରେ ୧ ଲକ୍ଷ ୮୪ ହଜାର ୮୪୧ ନୂଆ ଭୋଟରଙ୍କ ନାମ ପଞ୍ଜୀକୃତ ହୋଇଛି । ମୁମ୍ବାଇରେ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଏପର୍ଯ୍ୟନ୍ତ ରାମଟେକ ନିର୍ବାଚନ ମଣ୍ଡଳୀ ପାଇଁ ମାତ୍ର ଗୋଟିଏ ନାମାଙ୍କନ ପତ୍ର ମିଳିଛି। ଭଣ୍ଡାରା-ଗୋଣ୍ଡିଆ ଏବଂ ଗଡ଼ଚିରୋଲି-ଚିମୁର ନିର୍ବାଚନ ମଣ୍ଡଳୀ ପାଇଁ ଦୁଇଟି ଲେଖାଏଁ ନାମାଙ୍କନ ପତ୍ର ଏବଂ ନାଗପୁର ନିର୍ବାଚନ ମଣ୍ଡଳୀ ପାଇଁ ୫ଟି ନାମାଙ୍କନ ପତ୍ର ଦାଖଲ ହୋଇଛି ।

ସେ କହିଛନ୍ତି ଯେ ବିଦର୍ଭର ଏହି ପାଞ୍ଚଟି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ସେଠାରେ ଏପ୍ରିଲ ୧୯ ରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ। ନାମାଙ୍କନ ପତ୍ର ଦାଖଲର ଶେଷ ଆସନ୍ତା ୨୭ ତାରିଖ ରହିଛି । ୨୮ ରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ ଏବଂ ୩୦ ତାରିଖ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରାଯାଇ ପାରିବ । ସେହିଦିନ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ।

ମୁଖ୍ୟ ନିର୍ବାଚନ ଅଧିକାରୀ ଆହୁରି ମଧ୍ୟ କହିଛନ୍ତି ଯେ ନିର୍ବାଚନ ସମ୍ବନ୍ଧୀୟ ମିଥ୍ୟା ଖବର ର ପ୍ରସାରଣ ଏବଂ ବିଭିନ୍ନ ଗଣମାଧ୍ୟମରେ ଭୋଟରଙ୍କୁ ବିଭ୍ରାନ୍ତ କରୁଥିବା ଖବରକୁ ନିୟନ୍ତ୍ରଣ ଏବଂ ତଦାରଖ କରିବା ପାଇଁ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯାଇଛି ।

ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ମତଦାନ ସମୟରେ ୮୫ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକ ଏବଂ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଭୋଟରଙ୍କୁ ସେମାନଙ୍କ ଇଚ୍ଛା ଅନୁଯାୟୀ ସେମାନଙ୍କ ଘରୁ ମତଦାନ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଡବ୍ଲୁବି-ଇଲେକ୍ସନ

ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ୨୭ ତାରିଖ ରହିଛି । ଏପ୍ରିଲ୍ ୧୯ ତାରିଖରେ ଅଲୀପୁରଦୁଆର, ଜଲପାଇଗୁଡ଼ି ଓ କୁଚ୍‌ବିହାରରେ ମତଦାନ ହେବ । ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ମୁତୟନ ହୋଇସାରିଛନ୍ତି । ସାଧାରଣ ଓ ପୋଲିସ୍ ପର୍ଯ୍ୟବେକ୍ଷକମାନେ ଖୁବ୍‌ଶୀଘ୍ର ସେଠାରେ ଯାଇ ପହଞ୍ଚିବେ । ପଶ୍ଚିମବଙ୍ଗର ସମସ୍ତ ରାଜନୈତିକ ଦଳ ବହୁମାତ୍ରାରେ ଆଶାବାଦୀ ହୋଇପଡ଼ିଛନ୍ତି । ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନିଶ୍ଚିତ କରିବା ଲାଗି କେନ୍ଦ୍ରୀୟ ନିର୍ବାଚନ ବାହିନୀ ଗୁଡ଼ିକ ପଶ୍ଚିମବଙ୍ଗରେ ଯାଇ ପହଞ୍ଚିଛନ୍ତି ।

ପଶ୍ଚିମବଙ୍ଗରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ । ପଶ୍ଚିମବଙ୍ଗର ଲୋକସଭା ଆସନ ସଂଖ୍ୟା ହେଉଛି ୪୨ ।

## ସିବିଆଇ ମୋଇତ୍ରା

TMC ନେତା ମହୁଆ ମୋଇତ୍ରା ଜଡ଼ିତ ଥିବା ଅର୍ଥ ନେଇ ପ୍ରଶ୍ନ କରିବା ମାମଲାରେ CBI କୋଲକାତା ସମେତ ବିଭିନ୍ନ ସ୍ଥାନରେ ଖାନତଲାସି କରିଛି । ଖବର ଅନୁସାରେ CBI କୋଲକାତାସ୍ଥିତ ଶ୍ରୀମତୀ ମୋଇତ୍ରାଙ୍କ ବାସଭବନରେ ଖାନତଲାସି କରିଛି । ପୂର୍ବରୁ CBI ତାଙ୍କ ବିରୁଦ୍ଧରେ ଏକ FIR ରୁଜୁ କରିଥିଲା । ଏଥିପାଇଁ ଲୋକପାଳଙ୍କ ଠାରୁ ନିର୍ଦ୍ଦେଶ ମିଳିଥିଲା । ୬ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଲୋକପାଳ CBIକୁ କହିଥିଲେ । ମହୁଆ ମୋଇତ୍ରାଙ୍କୁ ଗତବର୍ଷ ଡିସେମ୍ବର ମାସରେ ଲୋକସଭାରୁ ବରଖାସ୍ତ କରାଯାଇଥିଲା । ତାହା ପୂର୍ବରୁ ଏକ ସଂସଦୀୟ ନୈତିକ କମିଟି ତାଙ୍କୁ ବରଖାସ୍ତ କରାଯିବାକୁ ସୁପାରିଶ କରିଥିଲା । ଜଣେ ବ୍ୟବସାୟୀଙ୍କ ଠାରୁ ଅର୍ଥ ନେଇ ସେ ପାର୍ଲାମେଣ୍ଟରେ ପ୍ରଶ୍ନ ଉତ୍ଥାପନ କରିଥିବାର ଅଭିଯୋଗ ରହିଥିଲା ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୪ ରନ୍‌ରେ ପରାସ୍ତ କରିଛି । କୋଲକାତାର ଇଡେନ୍ ଗାର୍ଡେନ୍‌ଠାରେ ଅନୁଷ୍ଠିତ ଏହି

ମ୍ୟାଚ୍‌ରେ ଟସ୍ ଜିତି ହାଇଦ୍ରାବାଦ କୋଲକାତାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ କୋଲକାତା ୭ ଓ୍ୱିକେଟ୍ ବିନିମୟରେ ୨୦୮ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆନ୍ଦ୍ରେ ରସେଲ୍ ୨୫ଟି ବଲରୁ ୬୪ ରନ୍ ସଂଗ୍ରହ କରିଥିଲେ । ୨୦୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହାଇଦ୍ରାବାଦ ୭ ଓ୍ୱିକେଟ୍ ବିନିମୟରେ ୨୦୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ଆନ୍ଦ୍ରେ ରସେଲଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଦିଲ୍ଲୀ କ୍ୟାପିଟାଲ୍‌ସକୁ ୪ ଓ୍ୱିକେଟ୍‌ରେ ହରାଇ ଦେଇଛି । ଚଣ୍ଡୀଗଡ଼ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍‌ସ ପକ୍ଷରୁ ପଞ୍ଜାବ ପାଇଁ ୧୭୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ପଞ୍ଜାବ ବିଜୟ ଲକ୍ଷ୍ୟକୁ ୪ଟି ବଲ୍ ବାକି ଥାଇ ୬ ଓ୍ୱିକେଟ୍ ବିନିମୟରେ ହାସଲ କରିଥିଲା । ଦଳ ପକ୍ଷରୁ ସାମ କରଣ ୪୭ ବଲ୍‌ରେ ୬୩ ରନ୍ ସଂଗ୍ରହ କରିଥିଲେ । ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଆଜି ଜୟପୁରଠାରେ ଅପରାହ୍ନ ସାଢ଼େ ୩ଟାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ମଧ୍ୟରେ ମୁକାବିଲା ହେବ ।

ସେହିଭଳି ଅହମ୍ମଦାବାଦ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଗୁଜରାଟ ଟାଇଟାନ୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ ।